# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 1 February – 2026

## କେନ୍ଦ୍ର ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ୨୦୨୬-୨୭ ଆର୍ଥିକ ବର୍ଷପାଇଁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ। ଶ୍ରୀମତୀ ସୀତାରମଣ ପୂର୍ବାହ୍ନ ୧୧ଟାରୁ ବଜେଟ୍ ଅଭିଭାଷଣ ଆରମ୍ଭ କରିବେ । ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ନବମ ବଜେଟ୍ ଉପସ୍ଥାପନ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ଏହା ହେଉଛି ତୃତୀୟ ବଜେଟ୍। ସଂସଦରେ ବଜେଟ୍ ଭାଷଣ ସମାପ୍ତ ହେବା ପରେ ବଜେଟ୍ ଦସ୍ତାବିଜ୍‌ଗୁଡ଼ିକ ମୋବାଇଲ୍ ଆପ୍ ଏବଂ ୱେବସାଇଟରେ ଉପଲବ୍ଧ ହେବ।

## ମୁଖ୍ୟମନ୍ତ୍ରୀ-ଯୋରନ୍ଦା ମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଢେଙ୍କାନାଳ ଜିଲ୍ଲା ଯୋରନ୍ଦାସ୍ଥିତ ମହିମା ପୀଠ ପରିସରରେ ମାଘମେଳା ଦର୍ଶନ ପାଇଁ ଯୋରନ୍ଦା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୀଠର ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ଶିଳାନ୍ୟାସ କରିବା ସହ ସାଧାରଣ ସଭାକୁ ଉଦ୍‌ବୋଧନ ଦେବେ । ଶ୍ରୀ ମାଝି ଶୂନ୍ୟମନ୍ଦିର, ଗାଦିମନ୍ଦିର ଆଦି ଦର୍ଶନ କରିବେ ବୋଲି ଜଣାପଡିଛି । ଯୋରନ୍ଦାରେ ଗତକାଲିଠାରୁ ମାଘମେଳା ଆରମ୍ଭ ହୋଇଛି ।

# ଓଡ଼ିଶା ପରବ-୨୦୨୬

ଆସାମର ଗୌହାଟୀଠାରେ ଓଡ଼ିଶା ପରବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ପରବକୁ ଉଦ୍‌ଘାଟନ କରି କହିଛନ୍ତି ଓଡ଼ିଶାର ସାଂସ୍କୃତିକ ବୈଭବ ଅନ୍ୟ ରାଜ୍ୟରେ ପ୍ରଦର୍ଶିତ କରିବାର ଏହା ହେଉଛି ବଳିଷ୍ଠ ମାଧ୍ୟମ । ରାଜ୍ୟ ଓ ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଆହୁରି ସୁଦୃଢ଼ ହେବା ସହ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ହୋଇପାରିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

# ବେଳାଭୂମି ମହୋତ୍ସବ

ଗଞ୍ଜାମ ଜିଲ୍ଲା ଚିକିଟିସ୍ଥିତ ସୁନାପୁର ବେଳାଭୂମି ମହୋତ୍ସବ ଆସନ୍ତା ମଙ୍ଗଳବାରରୁ ଆରମ୍ଭ ହେବ । ଏହି ପରିପ୍ରେକ୍ଷୀରେ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ କହିଛନ୍ତି ବାଚସ୍ପତି ସୁରମା ପାଢ଼ୀ, ସ୍ୱାସ୍ଥ୍ୟମନ୍ତ୍ର ଡକ୍ଟର ମୁକେଶ ମହାଲିଙ୍ଗ ମହୋତ୍ସବର ପ୍ରଥମ ଦିନରେ ଯୋଗଦେବେ । ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

# ସିଏମ୍ କିଶାନ

ସିଏମ୍ କିଶାନ ଯୋଜନାରେ ହିତାଧିକାରୀମାନେ ବ୍ୟାଙ୍କ ଖାତା ସହ ଆଧାର ତଥା କୃଷକ ଓଡ଼ିଶା ପୋର୍ଟାଲରେ ପଞ୍ଜିକରଣ ବାଧ୍ୟତାମୂଳକ ବୋଲି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୁହାଯାଇଛି । ହିତାଧିକାରୀ ଏହି ଆବଶ୍ୟକତା ପୂରଣକରିବା ଦିଗରେ ଆଧାର ଲିଙ୍କ୍‌ଥିବା ମୋବାଇଲ ନମ୍ବର ଜରିଆରେ ଇ-କେୱାଇସି ସହ ସିଏମ୍ କିଶାନ

ପୋର୍ଟାଲରେ ପଞ୍ଜିକରଣ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି ଜିଲ୍ଲାରେ ଆଜିଠାରୁ ମାଲ୍ୟବନ୍ତ ମହୋତ୍ସବ ଆରମ୍ଭ ହେଉଛି । ଏହି ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ଏଥିରେ ଆୟୋଜିତ ହେବାକୁ ଥିବା ପଲ୍ଲିଶ୍ରୀ ମେଳାରେ ୧୨୦ଟି ମଣ୍ଡପକୁ ସ୍ଥାନ ଦିଆଯାଇଛି ।

## ଖବର ସଂକ୍ଷିପ୍ତରେ

ରାୟଗଡା ଜିଲ୍ଲାରେ ଆୟୋଜିତ ସଡ଼କ ସୁରକ୍ଷା ମାସର ସମାପନ ଦିବସରେ ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ।

ନୂଆପଡା ଜିଲ୍ଲାରେ ଆସନ୍ତା ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଖଡ଼ିଆଳ ମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଅଞ୍ଚଳରେ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ଏକ ବାଲ୍ୟବିବାହ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି ।

ଦୋଷୀଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଭଦ୍ରକ ଜିଲ୍ଲାର ସାଳନ୍ଦୀ ନଦୀତଟରେ ପ୍ରସିଦ୍ଧ ସୀତାକୁଣ୍ଡ ଓ ଦେବରକୁଣ୍ଡ ବାର୍ଷିକ ମେଳା ଆରମ୍ଭ ହୋଇଛି । ବହୁସଂଖ୍ୟାରେ ଶ୍ରଦ୍ଧାଳୁ ନଦୀରେ ବୁଡ଼ପକାଇଛନ୍ତି। ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଦୁର୍ଗମ ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ଲୋକମାନଙ୍କର ଅଭିଯୋଗ ଶୁଣିଛନ୍ତି । କୁଟିଆ କନ୍ଧ ଅଧିବାସୀ ରହୁଥିବା ଅଞ୍ଚଳର ଗମନାଗମନ, ପାନୀୟଜଳ, ଶିକ୍ଷା, ବିଜୁଳି ଓ ନେଟୱାର୍କ ଆଦି ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ନବରଙ୍ଗପୁର ଜିଲ୍ଲାର ଡାବୁଗାଁ ବ୍ଲକ ଅନ୍ତର୍ଗତ ଘୋଡାଖୁଣ୍ଟା ଅଙ୍ଗନବାଡି କେନ୍ଦ୍ରରେ ସମ୍ପୂର୍ଣ୍ଣତା ଅଭିଯାନ ଦ୍ୱିତୀୟ ପର୍ଯ୍ୟାୟ କିଶୋରୀମେଳା ଅନୁଷ୍ଠିତ ହୋଇଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲାର ଖଲିଆପାଲିର ଭୀମଭୋଇ ସମାଧୀପୀଠରେ ଆରମ୍ଭ ହୋଇଥିବା ମାଘମେଳାରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

# ମାଘ ପୂର୍ଣ୍ଣିମା

ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପନୀତି ଶେଷ ହେବା

ପରେ ମଇଲମ ଓ ସର୍ବାଙ୍ଗ ନୀତି ପରେ ତିନିବାଡରେ ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ କରାଯିବ ।

## କୋଷ୍ଟଗାର୍ଡ ରାଇଜିଂ ଡେ

ଭାରତୀୟ ତଟରକ୍ଷୀ ବାହିନୀ ଆଜି ୫୦ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୭୭ ମସିହାରେ ମାତ୍ର ୭ଟି କେନ୍ଦ୍ର ସହ ଆରମ୍ଭ ହୋଇଥିବା ତଟରକ୍ଷୀ ବାହିନୀ ଏବେ ୧୫୫ଟି ଜାହାଜ ଏବଂ ୮୦ଟି ବିମାନ ସହିତ ଏକ ବ୍ୟାପକ ସୁରକ୍ଷା ସଂସ୍ଥାରେ ପରିଣତ ହୋଇଛି । ୨୦୩୦ ସୁଦ୍ଧା ତଟରକ୍ଷୀ ବାହିନୀର ୨୦୦ଟି କେନ୍ଦ୍ର ସ୍ଥାପନ ସହ ୧୦୦ଟି ବିମାନ ସାମିଲ୍ କରିବା ନେଇ ଲକ୍ଷ୍ୟ ରଖାଯାଇଛି ।

## କ୍ରୀଡ଼ାବିତ୍‌-ପୁରସ୍କାର

ଅନତର୍ଜାତୀୟ ସ୍ତରରେ ଓଡ଼ିଶାର ଗୌରବ ବୃଦ୍ଧି କରିଥିବା ୪ଜଣ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ ସରକାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି । ଟୋକିଓ ଡେଫ୍‌ଲିମ୍ପିକ୍ସରେ କାଂସ୍ୟପଦକ ହାସଲ କରିଥିବା ଲୋମା ସ୍ୱାଇଁ, ଏସୀୟ ଯୁବକ୍ରୀଡ଼ାରେ କାଂସ୍ୟପଦକ ଜିତିଥିବା ସାର୍ଥକ ଆର୍ଯ୍ୟ, ଫିଡେ ଚେସ୍ ଚାମ୍ପିୟନସିପ୍‌ରେ ମହିଳା ଦଳରେ ସାମିଲ ହୋଇ କାଂସ୍ୟପଦକ ଜିତିଥିବା ପଦ୍ମିନୀ ରାଉତ ଏବଂ ରାଜ୍ୟଗୋଷ୍ଠୀ ଭାରୋତ୍ତଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜୟିନୀ ବିଦୁସ୍ମିତା ଭୋଇଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

# ରଗ୍‌ବୀ ଲିଗ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍‌ର ସବ୍‌ଜୁନିୟର ବାଳିକା ବର୍ଗରେ ଓଡ଼ିଶା' କର୍ଣ୍ଣାଟକକୁ ପରାସ୍ତ କରିଛି । ସେହିପରି ସିନିୟର ବର୍ଗରେ ଓଡ଼ିଶା' ମହାରାଷ୍ଟ୍ର ଓ କର୍ଣ୍ଣାଟକକୁ ପରାସ୍ତ କରି ବିଜୟୀ ହୋଇଛି ।

# ପାଣିପାଗ

ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଥିବାବେଳେ ଦକ୍ଷିଣ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରହିଥିଲା ।